## ସଂକ୍ଷେପରେ

### କାନ୍ଥ ପଡ଼ି ଯୁବକ ଗୁରୁତର

ବାସୁଦେବପୁର,୫।୧୧
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରପାଳିକା ଅଧୀନ ବାଷଠୀ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଘର କାନ୍ଥ ଭୁଶୁଡ଼ି ପଡ଼ିବାରୁ ବ୍ରହ୍ମାନନ୍ଦ ବାରିକ ନାମକ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଛି। ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗତ ବାତ୍ୟାରେ ବ୍ରହ୍ମାନନ୍ଦଙ୍କ ମାଟିଘର କାନ୍ଥ ନୂଆଣିଆ ହୋଇ ରହିଥିଲା। କାନ୍ଥ ତଳୁ ତାଙ୍କୁ ପରିବାର ଲୋକ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ।

### ବିଶିଷ୍ଟ ଶିକ୍ଷାବିତ୍‌ଙ୍କ ପରଲୋକ

ଧାମନଗର,୫।୧୧ (ସନ୍ତୋଷ କୁମାର ମହାପାତ୍ର/ ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ଏନ୍‌ଏସି ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍, ସାମାଜିକ କର୍ମୀ ଜଗନ୍ନାଥ ରାୟ



ମହାପାତ୍ରଙ୍କ(୯୪) କଣ୍ଟାବଣି ଆସ୍ଥିତ ବାସଭବନରେ ସୋମବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ଶଯ୍ୟାଶାୟୀ ଥିଲେ। ଭଗବାନପୁର ନୋଡାଲ ବିଦ୍ୟାଳୟରେ ତାଙ୍କର ଶିକ୍ଷକତା ଆରମ୍ଭ ହୋଇ ୧୯୯୩ରେ ଶେଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଶେଷ ଦର୍ଶନ କରିଥିଲେ। ମଙ୍ଗଳବାର ଏମ୍‌ପି ଅଭିମନ୍ୟୁ ସେଠୀ ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ମନ୍ତ୍ରୀଙ୍କ ଏନ୍‌ଏସି ପ୍ରତିନିଧି କୈଳାଶ ମହାପାତ୍ର, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଏମ୍‌ପିଙ୍କ ନଗର ପ୍ରତିନିଧି ସରୋଜ ମହାପାତ୍ର, ମନୋଜ ମଲ୍ଲିକ, ଅଶୋକ ପୁହାଣ, ବିଜୟ ରାମ, ଅରବିନ୍ଦ ପତି, ବୁଦ୍ଧଦେବ ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ନାରାୟଣ ରାଉତ, ଅନନ୍ତ ଜେନା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ମା' ଭଦ୍ରକାଳୀ ମହିମା କ୍ୟାସେଟ ଉନ୍ମୋଚିତ

ଭଦ୍ରକ, ୫।୧୧(ରବିନାରାୟଣ ଖିଲାର)

ଭଦ୍ରକ ଜିଲାର ପ୍ରତ୍ୟକ୍ଷ ଦେବୀ ଭଦ୍ରକାଳୀଙ୍କ ଉପରେ ଆଧାରିତ ତଥ୍ୟକୁ ନେଇ ମା' ଭଦ୍ରକାଳୀ ମହିମା କ୍ୟାସେଟ ପୀଠରେ ଉନ୍ମୋଚିତ ହୋଇଛି। ଯାଜପୁର ଜିଲାର ମା' ଯଶୋଦା କଳା ପରିଷଦ ପକ୍ଷରୁ ଉନ୍ମୋଚନ କରାଯାଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶନାରେ ସମସ୍ତ ଗୀତ ପ୍ରସ୍ତୁତ ହୋଇଛି। ବରିଷ୍ଠ ଗୀତିକାର ତଥା ପ୍ରଧାନ ଶିକ୍ଷୟିତ୍ରୀ ନଳିନୀପ୍ରଭା ଦାସ ଗୀତଗୁଡ଼ିକୁ ରଚନା କରିଛନ୍ତି। ମୁଖ୍ୟଅତିଥି ବିଡିଓ ପ୍ରଦୀପ କୁମାର ସେଠୀ ଓ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ରାଜେନ୍ଦ୍ର କୁମାର ରାଉତରାୟ ପ୍ରମୁଖ ଯୋଗଦେଇ କ୍ୟାସେଟକୁ ଉନ୍ମୋଚନ କରିଥିଲେ। ସୁନାମଧନ୍ୟ କଣ୍ଠଶିଳ୍ପୀମାନେ କଣ୍ଠଦାନ କରିଛନ୍ତି। ଯାଜପୁର ଜିଲାର ବରିଷ୍ଠ ଖବରଦାତା ଓ ଚଳଚ୍ଚିତ୍ର ଅଭିନେତା ହରିହର ସ୍ୱାଇଁ କର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଧାନକିଣାରେ ହେବନି କଟ୍‌ନି ଛଟ୍‌ନି

- ମିଲର ଓ ଅଧିକାରୀଙ୍କୁ ନେଇ ବୈଠକ
- କେବଳ ଏଫ୍‌ଏକ୍ୟୁ ମାନର ଧାନ କ୍ରୟ ହେବ

ଭଦ୍ରକ,୫।୧୧(ସନାତନ ରାଉତ)

ସରକାରୀ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କାରେ ଧାନ କିଣାଯିବ। ଖୋଟ ଅଖାରେ ଧାନ ମଣ୍ଡିକୁ ନିଆଯିବା ସହ କଟ୍‌ନି ଛଟ୍‌ନି ହେବ ନାହିଁ। କେବଳ ଏଫ୍‌ଏକ୍ୟୁ ମାନର ଧାନ କିଣାଯିବା ନେଇ ଥିବା ସରକାରୀ ମାର୍ଗଦର୍ଶିକା ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ ମିଲରମାନଙ୍କୁ ଅବଗତ କରାଇଛନ୍ତି। ୨୦୨୪-୨୫ ଖରିଫ ଧାନ ପ୍ରକ୍ରିୟାକରଣ ପାଇଁ ମଙ୍ଗଳବାର ମିଲର ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ସଦ୍‌ଭାବନା ସଭାଗୃହରେ ଜିଲାପାଳଙ୍କ ଅଧକ୍ଷତାରେ ୨ୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଧାନ କିଣିବାକୁ ଥିବା ୨୨ ମିଲ୍‌ର ମାଲିକ ଓ ପ୍ରତିନିଧିମାନେ ଧାନକିଣାରେ ସେମାନଙ୍କ ପାଇଁ ଉପୁଜୁଥିବା ସମସ୍ୟା ବିଷୟରେ ଜିଲାପାଳଙ୍କୁ ଜଣାଇଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀମାନେ ଆଲୋଚନା କରୁଛନ୍ତି।

କେବଳ ଏଫ୍‌ଏକ୍ୟୁ ମାନର ଧାନ ମଣ୍ଡିକୁ ଆଣିବା ପାଇଁ ଚାଷୀମାନଙ୍କୁ ସଚେତନ କରାଯିବା ଉପରେ ପ୍ରାଧାନ୍ୟ ଦେବାକୁ ସେମାନେ ପ୍ରକାଶ କରିଥିଲେ।

ସମ୍ପୂର୍ଣ୍ଣ ଶୁଖିଲା ଏବଂ ମାଟି, ବାଲି, ଗୋଡ଼ି, ଧୂଳି, ଅଗାଡ଼ି ଆଦି ମିଶା ନ ଥିବା ପରିଷ୍କାର ଧାନକୁ ହିଁ ଏଫ୍‌ଏକ୍ୟୁ ମାନର ଧାନ ବୋଲି ବିବେଚିତ କରାଯିବ। ଧାନ ଏଫ୍‌ଏକ୍ୟୁ ମାନର ନ ହେଲେ ତାଙ୍କୁ ଫେରାଇଦିଆଯିବ ବୋଲି ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା। ସୂଚନା-ଶିକ୍ଷା-ସଞ୍ଚାର କାର୍ଯ୍ୟକ୍ରମ ଜରିଆରେ ଚାଷୀମାନଙ୍କୁ ଯଥେଷ୍ଟ ପୂର୍ବରୁ ସଚେତନ କରାଯିବ ବୋଲି ଜିଲାପାଳ କହିଥିଲେ। ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାୟକ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇ ଆଲୋଚନା କରିଥିଲେ। ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ଏସିଏସ୍‌ଓ ଶରତ ବେହେରା, ଏଆର୍‌ସିଏସ୍ ପ୍ରତୀତା ଜେନା, ଆର୍‌ଏମ୍‌ସି ସମ୍ପାଦକ ସଞ୍ଜୟ କୁମାର ଦାସ ପ୍ରମୁଖଙ୍କ ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

## ଗେଙ୍ଗୁଟି ନଦୀବନ୍ଧରେ ପୁଣି ଫାଟ

ଧାମନଗର, ୫।୧୧(ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଦଳାଙ୍ଗ ପଞ୍ଚାୟତ ରାମେଶ୍ୱରପୁର ମଲିକସାହି ନିକଟରେ ଗେଙ୍ଗୁଟି ନଦୀବନ୍ଧ ଫାଟ ସୃଷ୍ଟି ହୋଇଛି। ପ୍ରାୟ ୨ଶହ ଫୁଟ୍ ଲମ୍ବର ଫାଟ ସୃଷ୍ଟି ହେବା ସହ ନଦୀବନ୍ଧ ଧସିଯାଇଛି। ବିଭିନ୍ନ ସମୟରେ ଉକ୍ତ ସ୍ଥାନରେ ନଦୀବନ୍ଧରେ ଫାଟ ସୃଷ୍ଟି ହେଉଥିବା ବେଳେ ମରାମତି କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଦେଖିବାକୁ ମିଳିଛି। ଏବେ ଗେଙ୍ଗୁଟିରେ ବନ୍ୟା କି ବର୍ଷା ନ ଥିବାବେଳେ ନଦୀବନ୍ଧରେ ଫାଟ ସୃଷ୍ଟି ହେବା ନେଇ ସ୍ଥାନୀୟ ବାସିନ୍ଦା ଆଶ୍ଚର୍ଯ୍ୟ ହୋଇଛନ୍ତି।

ରବିବାର ଏହି ନଦୀବନ୍ଧରେ ଫାଟ ଦେଖିବାକୁ ମିଳିଛି। ପୂର୍ବରୁ ଉକ୍ତ ବନ୍ଧ ମରାମତି ନାମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ଅତ୍ୟନ୍ତ ନିମ୍ନମାନର କାମ ଯୋଗୁ ଏଭଳି ଫାଟ ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ନିକଟରେ ବାତ୍ୟା ସମୟରେ ଲଗାଣ ବର୍ଷାରେ ଗେଙ୍ଗୁଟିରେ



କିଛି ପାଣି ଥିବାବେଳେ ନଦୀବନ୍ଧ ଧସି ନ ଥିଲା। ଏବେ କମ୍ ପାଣି ଥାଇ ବନ୍ଧ ଧସିବା ସ୍ଥାନୀୟ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ଏନେଇ ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶରତ ଘଡ଼େଇ କହିଛନ୍ତି, ସେହି ଜାଗାରେ ବାରମ୍ବାର ନଦୀବନ୍ଧ ଫାଟୁଛି। ବର୍ତ୍ତମାନ ଅବଜରଭେଶନରେ ରହିଛି। ଅବଜରଭେଶନ ପରେ ମରାମତି କରାଯିବ।

## ରୁପା ମୁକୁଟ, ଅଳଙ୍କାରରେ ଝଟକୁଛନ୍ତି ମା'

**ବାସୁଦେବପୁର ମୁଖ୍ୟବଜାର କାଳୀପୂଜାକୁ ୮୦ ବର୍ଷ**

ବାସୁଦେବପୁର,୫।୧୧
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁରର ଐତିହାସିକ କାଳୀପୂଜା ୮୦ ବର୍ଷରେ ପହଞ୍ଚିଛି। ପ୍ରଥମେ ଏହା ବାସୁଦେବପୁର ଥାନାହାଟ କାଳୀପୂଜା ନାମରେ ପରିଚିତ ହୋଇ ଆସୁଥିବା ବେଳେ ପରବର୍ତ୍ତୀ ସମୟରେ ଏହା ଆମ କାଳୀ କମିଟିରେ ରୂପାନ୍ତରିତ ହୋଇ ୮୦ତମ ବାର୍ଷିକ ପୂଜା ଉତ୍ସବ ପାଳନ କରୁଛି। ଦୀର୍ଘ ୮୦ ବର୍ଷ ଧରି ୩ ସମ୍ପ୍ରଦାୟର ଲୋକଙ୍କ ସମନ୍ୱୟ ସହଯୋଗ ଫଳରେ ଏହି ପୂଜା ଆଗକୁ ଆଗ ବଢ଼ିଚାଲିଛି। ଚଳିତବର୍ଷ ରୁପା ମୁକୁଟ ସହ ଆଳି ଅଳଙ୍କାର ଆଭୂଷଣରେ ମା' କାଳୀ ଝଟକୁଛନ୍ତି। ଆକର୍ଷଣୀୟ ତୋରଣ ସାଜସଜ୍ଜା, ଆଲୋକମାଳା ପୂଜା ମଣ୍ଡପକୁ ଅଧିକ ଆକର୍ଷଣୀୟ କରିଛି। ସାମାଜିକ ଓ ପୌରାଣିକ ଚିତ୍ରକଳ୍ପ ଶ୍ରଦ୍ଧାଳୁଙ୍କ ମନ ମୋହୁଛି।

ଶିକ୍ଷାଗୁରୁ ପୁରୁଷୋତ୍ତମ ପଟ୍ଟନାୟକ, ମହେନ୍ଦ୍ର ଦାସ(ମୁନସି), କୈଳାସ କମ୍ପାଉଣ୍ଡର, ପାଣ୍ଡୁ ଦାସ, ନିଶାକର ମହାନ୍ତି ପ୍ରମୁଖଙ୍କ ପ୍ରତ୍ୟକ୍ଷ ଉଦ୍ୟମ ଓ ସହଯୋଗରେ ପ୍ରଥମେ ଏକ ଝାଟିମାଟି ଘରେ କାଳୀପୂଜା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ଏହାର କଳେବର ବୃଦ୍ଧି ପାଇଥିଲା। କାଳୀପୂଜାରେ



ଆମ କାଳୀ ମଣ୍ଡପରେ ପୂଜା ପାଉଛନ୍ତି ମା'।

ହିନ୍ଦୁ, ମୁସଲମାନ ଓ ମାରୱାଡ଼ି ସମ୍ପ୍ରଦାୟର ଲୋକ ମିଶି ଭାଇଚାରାକୁ ମଜଭୁତ କରି ପୂଜାକୁ ତ୍ୱରାନ୍ୱିତ କରିଥିଲେ। ପରେ ଆଜବେଷ୍ଟସ୍ ଓ ସ୍ଥାୟୀ ଘରେ ମା' କାଳୀଙ୍କ ପୂଜାର୍ଚ୍ଚନା ହୋଇଥିଲା। ଏବେ ମା' କାଳୀଙ୍କ ଭବ୍ୟ ସ୍ଥାୟୀ ମନ୍ଦିର ଟ୍ରାଫିକ ଛକ ବିଜେସ୍ଥଳୀରେ ନିର୍ମାଣାଧୀନ ଅଛି। ଅନାଦି ମହାନ୍ତି, ଏନାବୁଲ ହକ୍, ବିଷ୍ଣୁ ସାହୁ, କୈଳାସ ମହାନ୍ତି, ଡା. ସତ୍ୟେନ୍ଦ୍ର କୁମାର ପଟ୍ଟନାୟକ, ପଣ୍ଡିତ ଶର୍ମା, ଚିତ୍ର ଗୁପ୍ତା, ଫୁଲଚାନ୍ଦ, ଆଦିକନ୍ଦ ମଲିକ, ମନ୍ଦରଧର ମହାପାତ୍ର, ମାଧବାନନ୍ଦ ବାରିକ, ମୁକ୍ତିକାନ୍ତ ପାଢ଼ୀ, ଦୀନବନ୍ଧୁ ବେହେରା, ସନାତନ ମଲିକ, ହୃଦାନନ୍ଦ ମହାନ୍ତି, ସରବା ମଲିକ, କାହ୍ନୁ ମହାନ୍ତି, ବଟୁଆ ଦାସ, ବିଜୁଳି ଦାସ, କୁଟୁରୀ ମହାନ୍ତି, ବିଷ୍ଣୁ ସାମଲ, ସୁବାସ ଚନ୍ଦ୍ର ବାରିକ, ସୁରେଶ ଚନ୍ଦ୍ର ମହାନ୍ତି, ଉପେନ୍ଦ୍ର ଦାସଙ୍କ ସମେତ ବିଭିନ୍ନ ବର୍ଗର ଲୋକଙ୍କ ସହଯୋଗରେ ପୂଜା ଆଗକୁ ବଢ଼ିଥିଲା। ବିଶେଷ କରି ପୂଜା କମିଟି ସଭାପତି କିଶୋର କୁମାର ମହାପାତ୍ର, ସମ୍ପାଦକ ଭାବେ ମାଧବଚନ୍ଦ୍ର ପୁହାଣଙ୍କ ସହ ନୂତନ କମିଟି ଦାୟିତ୍ୱ ନେବା ପରେ ପୂଜା କମିଟିର କଳେବର ପରି ବୃଦ୍ଧି ଘଟିଛି। ସମସ୍ତ ପୂଜା କମିଟିକୁ ନେଇ ଏକସଙ୍ଗେ କଳସ ବୁଡ଼ାଇବା, ଭସାଣି, ସମନ୍ୱୟ ରକ୍ଷା କରି ସାଂସ୍କୃତିକ କାର୍ଯ୍ୟକ୍ରମ କ୍ଷେତ୍ରରେ ଆମ କାଳୀ କମିଟି ନୂଆ ଦିଗ ଦେଖାଇଛି। ଏହି ମଣ୍ଡପରେ ପ୍ରମୁଖ ବିଶେଷତ୍ୱ ହେଲା କାଳୀପୂଜାର ପ୍ରଥମ ଭୋଗ ବାସୁଦେବପୁର ଥାନାରୁ ହିଁ ମା'ଙ୍କ ଉଦ୍ଦେଶ୍ୟରେ ଆସିଥାଏ। ୪ ମଣ୍ଡପ ମଧ୍ୟରୁ ଏହା ହେଉଛି ଆଦ୍ୟ ପୂଜା ମଣ୍ଡପ। ଏହା ସାର୍ବଜୀନନ କାଳୀପୂଜା କମିଟି ଭାବେ ପରିଚିତ। ପରବର୍ତ୍ତୀ ସମୟରେ କେତେକ ଲୋକ ଏହାକୁ ଟ୍ରାଫିକ ଛକ କାଳୀ କିମ୍ବା ମା' ବୁଢ଼ୀକାଳୀର ଆଖ୍ୟା ଦେଇଛନ୍ତି। ବର୍ତ୍ତମାନ ଏହା ଆମ କାଳୀପୂଜା କମିଟି ଭାବେ ପରିଚିତ।

## ବିଲରେ ଟଳିପଡ଼ିଲେ ବିଜେଡି ନେତା

ଭଦ୍ରକ,୫।୧୧(ସନାତନ ରାଉତ)

ଆଗରପଡ଼ା ଥାନା ଅଧୀନ ଆଡ଼ିଆ ଗ୍ରାମର ବିଜେଡି ନେତା ସୁବାସ ଚନ୍ଦ୍ର ବେହେରା(୫୭) ମଙ୍ଗଳବାର ବିଲରେ ଟଳି ପଡ଼ିଛନ୍ତି। ସୂଚନା ଅନୁଯାୟୀ, ସକାଳେ



ସେ ଧାନ ବିଲରେ କୀଟନାଶକ ପକାଇ ଫେରିବା ବେଳେ ବିଲ ଭିତରେ ହଠାତ୍ ତଳେ ପଡ଼ି ସଂଜ୍ଞାହୀନ ହୋଇଯାଇଥିଲେ। ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ପୂର୍ବତନ ସରପଞ୍ଚ ଶଙ୍କର୍ଷଣ ରଥ, ବିଜୟ ଜେନାଙ୍କ ସମେତ ବହୁ ଦଳୀୟ କର୍ମୀ ଓ ଗ୍ରାମବାସୀ ଡାକ୍ତରଖାନାରେ ପହଞ୍ଚି ଶେଷଦର୍ଶନ କରିଥିଲେ। ବ୍ୟବଚ୍ଛେଦ ହୋଇ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋଭାଯାତ୍ରାରେ ପରିକ୍ରମା କରାଯାଇ ଶେଷକୃତ୍ୟ କରାଯାଇଥିଲା। ଶୋଭାଯାତ୍ରାରେ ବିଧାୟକଙ୍କ ସହ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଯେନା, ସରପଞ୍ଚ ମୀନାକୁମାରୀ ଜେନା, ବିଜେଡି ନେତା ପ୍ରଶାନ୍ତ ବେହେରା, ସତ୍ୟସାଧନ ବେଜ ପ୍ରମୁଖ ସାମିଲ ହୋଇଥିଲେ। ଆଗରପଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୦/୨୪) ରୁଜୁ ହୋଇଛି।

## ମହାସରସ୍ୱତୀ ବେଶରେ ମା' ଭଦ୍ରକାଳୀ

ଭଦ୍ରକ,୫।୧୧(ସନାତନ ରାଉତ/ ରବିନାରାୟଣ ଖିଲାର)

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ସପ୍ତମାତୃକା ବେଶର ୬ଷ୍ଠ ଦିବସରେ ମଙ୍ଗଳବାର ମହାସରସ୍ୱତୀ ବେଶରେ ଦର୍ଶନ ଦେଇଛନ୍ତି। ମହାସରସ୍ୱତୀ ବେଶରେ ମା' ଚାରି ହସ୍ତରେ ବେଦ, ଜପାମାଳି, ପଦ୍ମ ଓ ବୀଣା ଧାରଣ କରିଥିବା ବେଳେ ମୁଖମଣ୍ଡଳ ଶ୍ୱେତ ବର୍ଣ୍ଣ ଥିଲା। ଶ୍ୱେତ ପାଟବସ୍ତ୍ର ପରିଧାନ କରିବା ସହ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇଥିଲେ। ପଦ୍ମ ଆସନରେ ହଂସ ବାହନରେ ବିରାଜମାନ କରିଥିଲେ। ମହାସରସ୍ୱତୀ ବେଶ ଦର୍ଶନ ପାଇଁ ସକାଳୁ ଭକ୍ତମାନଙ୍କ ଲମ୍ବା ଧାଡ଼ି ଲାଗିଥିଲା। ଏହି ବେଶରେ ମା'ଙ୍କ ଦର୍ଶନ କଲେ ବିଦ୍ୟା, ବୁଦ୍ଧି ଓ ଜ୍ଞାନ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ବୁଧବାର ସପ୍ତମାତୃକା ବେଶର ଅନ୍ତିମ ଦିବସରେ ମା' ମହାଲକ୍ଷ୍ମୀ



ଭଦ୍ରକାଳୀ ପୀଠରେ ମଙ୍ଗଳବାର ମା'ଙ୍କ ମହାସରସ୍ୱତୀ ବେଶ।

ବେଶରେ ପୂଜା ପାଇବେ। ଏଥିସହ ଦୀପାବଳିଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୂତି ହେବ।

## ଗୀତିକାର ପଞ୍ଚାନନଙ୍କୁ ସମ୍ମାନସୂଚକ ଡକ୍ଟରେଟ



ହାଇଦ୍ରାବାଦରେ ଗୀତିକାର ପଞ୍ଚାନନ ନାୟକଙ୍କୁ ଡକ୍ଟରେଟ୍ ଉପାଧି ଦିଆଯାଉଛି।

ତିହିଡ଼ି,୫।୧୧(ସଞ୍ଜିତ ବଳ)

ବିଶିଷ୍ଟ ଗୀତିକାର ପଞ୍ଚାନନ ନାୟକଙ୍କୁ ମଣିପୁର ଏସିଆନ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୋମବାର ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। ପଞ୍ଚାନନଙ୍କ ଘର ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ମଙ୍ଗଳପୁର ଗ୍ରାମରେ। ଓଡ଼ିଆ ଭଜନରେ ନୂଆ ଧାରା ସୃଷ୍ଟି କରିଥିବା ପଞ୍ଚାନନଙ୍କୁ ଓଡ଼ିଆ ଭାଷା ସାହିତ୍ୟ ଏବଂ ଓଡ଼ିଆ ଅସ୍ମିତା ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ଜଣାଯାଇଛି। ହାଇଦ୍ରାବାଦସ୍ଥିତ ତେଲେଙ୍ଗାନା ସାରସ୍ୱତ ପରିଷଦରେ ଗ୍ଲୋବାଲ ହ୍ୟୁମାନ ରାଇଟ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଉତ୍ସବରେ ତାଙ୍କୁ ସମ୍ମାନିତ କରାଯାଇଛି। ଏହି ସମ୍ମାନ ପାଇବା ପରେ ପଞ୍ଚାନନଙ୍କୁ ବିଭିନ୍ନ ସାରସ୍ୱତ ସଙ୍ଗଠନ ଓ ସଙ୍ଗୀତ ପରିଷଦ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



ଚରମ୍ପା କାଳୀପୂଜା ମେଳାରେ ବାଉଁଶରାଣୀ ଖେଳ।

## ପେଟ ପାଇଁ ସାଜିଛନ୍ତି ବାଉଁଶରାଣୀ

**୬ଷ୍ଠ ଦିନରେ କାଳୀପୂଜା**

ଭଦ୍ରକ,୫।୧୧(ସନାତନ ରାଉତ)

ଭଦ୍ରକର କାଳୀପୂଜାର ୬ଷ୍ଠ ଦିନ ମଙ୍ଗଳବାର ମଧ୍ୟ ଅସମ୍ଭାଳ ଭିଡ଼ ହୋଇଛି। ମେଳାରେ ଭିଡ଼କୁ ଲକ୍ଷ୍ୟ କରି ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସହାୟତା କେନ୍ଦ୍ର ଖୋଲାଯାଇଛି। ପ୍ରବେଶ ପଥ ଓ ରେଲୱେ ଷ୍ଟେଶନ ନିକଟରେ ଏହିସବୁ ସହାୟତା କେନ୍ଦ୍ର ଖୋଲାଯାଇ ମେଳା ବୁଲିବାକୁ ଆସୁଥିବା ଲୋକଙ୍କୁ ସହାୟତା ଯୋଗାଇ ଦିଆଯାଉଛି। ଜିଲା ଓ ରାଜ୍ୟ ବାହାରୁ ବ୍ୟବସାୟୀମାନେ ପସରା ମେଲାଇ ଭଲ ରୋଜଗାର କରୁଥିବା ବେଳେ ପଶ୍ଚିମବଙ୍ଗ ମେଦିନପୁରରୁ ଆସିଥିବା ଏକ ପରିବାରର ଛୋଟ ଝିଅଟିଏ ବାଉଁଶରାଣୀ ଖେଳ ପ୍ରଦର୍ଶନ କରୁଛନ୍ତି। ପେଟ ପାଇଁ ବାଉଁଶରାଣୀ ସାଜି ପ୍ରାୟ ୧୦ ଫୁଟ୍ ଉଚ୍ଚରେ ଏକ ରଶିରେ ଚାଲିବା ସହ ବିଭିନ୍ନ ନୃତ୍ୟ ପରିବେଷଣ କରୁଛନ୍ତି। ଏହା ଦେଖି କିଛି ଲୋକ ଖୁସିରେ ନୋଟ୍ ବଢ଼ାଉଥିବା ଦେଖିବାକୁ ମିଳିଥିଲା। ମେଳାରେ ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରି ହେଉଥିବା ବେଳେ ଶଙ୍ଖ ଓ ଶଙ୍ଖା ବେପାର ଜମୁଥିବା ଦେଖାଯାଇଛି। ବିଭିନ୍ନ କିସମର ଶଙ୍ଖ ଓ ଶଙ୍ଖା ବିକ୍ରି ହେଉଥିବା ଦୋକାନରେ ମହିଳାମାନେ ଭିଡ଼ ଲଗାଉଛନ୍ତି।

## ଶ୍ରାଦ୍ଧବାର୍ଷିକୀରେ ଖୋଲିଲା ପାଠାଗାର

ଭଣ୍ଡାରିପୋଖରୀ,୫।୧୧
(ରାଜେନ୍ଦ୍ର କୁମାର ଶତପଥୀ)

ପୂର୍ବତନ ପରିସଂଖ୍ୟାନ ଅଧିକାରୀ ସ୍ୱର୍ଗତ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ପ୍ରଥମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଅବସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ନଗୁଆଁସ୍ଥିତ ବାସଭବନ ପରିସରରେ ପୂର୍ବତନ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ବିଶ୍ୱାଳଙ୍କ ସଞ୍ଚାଳନରେ ଅନୁଷ୍ଠିତ ସଭାରେ ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର ରଞ୍ଜନ ତରାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୂର୍ବତନ ଶିକ୍ଷକ ଲକ୍ଷ୍ମୀଧର ମହାରଣା ମୁଖ୍ୟଭକ୍ତା ଓ ଡା. ସୁରେନ୍ଦ୍ର ବେହେରା, ଗୋବିନ୍ଦ ଚନ୍ଦ୍ର ନାୟକ, ସୁଧାକର ମହାପାତ୍ର, ସିଆର୍‌ସିସି ବିଶ୍ୱରଞ୍ଜନ ଷେଣ୍ଠ, ଖବରଦାତା ସୁଧାକର ଦାଶ, ପୂର୍ବତନ ସରପଞ୍ଚ ରମଣୀ ରଞ୍ଜନ ଦାଶ, ନାଏବ ସରପଞ୍ଚ ଗୌରାଙ୍ଗ ଦାଶ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ମୁଖ୍ୟଅତିଥିଙ୍କ ଦ୍ୱାରା ନଗୁଆଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ୱର୍ଗତ ମହାପାତ୍ରଙ୍କ ନାମରେ ଏକ ପାଠାଗାର ଉଦ୍‌ଘାଟନ ହୋଇଥଲା। ଏହି ଅବସରରେ ସ୍ମରଣିକା 'ଭାସ୍କର ସ୍ମରଣେ' ଉନ୍ମୋଚିତ ହୋଇଛି।

ସ୍ୱର୍ଗତ ମହାପାତ୍ରଙ୍କ ପୁତୁରା ତଥା ରିଜର୍ଭ ବ୍ୟାଙ୍କ ଅଫିସର ସୁଶାନ୍ତ କୁମାର ମହାପାତ୍ର ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ, ମଧ୍ୟମ ପୁତ୍ର ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ବିଭୂତି ଭୂଷଣ ମହାପାତ୍ର ଅତିଥି ପରିଚୟ ପ୍ରଦାନ, ସାନପୁଅ ସତ୍ୟାଶିଷ ମହାପାତ୍ର ସ୍ୱାଗତ ଭାଷଣ ଓ ବଡ଼ପୁଅ ମହର୍ଷି ମହାବିଦ୍ୟାଳୟ କର୍ମଚାରୀ ସାଇ ଚରଣ ମହାପାତ୍ର କୃତଜ୍ଞତା ଜ୍ଞାପନ କରିଥିଲେ। ଶେଷରେ ସାଇ ଭଜନ ପରିବେଷଣ ହୋଇଥଲା।



ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଉଛି।

## ୨୪ରୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଭଦ୍ରକ,୫।୧୧(ସନାତନ ରାଉତ)

୨୦୨୩ରୁ ଆରମ୍ଭ କରାଯାଇଥିବା ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଚଳିତବର୍ଷ ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବ। ଦୁଇଦିନ ଧରି ମେଳା ଚାଲିବ। ଏଥିପାଇଁ ମଙ୍ଗଳବାର ପ୍ରଶାସନ ସ୍ତରରେ ଅଧିକାରୀମାନଙ୍କୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଦ୍‌ଭାବନା ସଭାଗୃହରେ ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, କାର୍ଯ୍ୟକ୍ରମର ଆବାହକ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ହୃଷୀକେଶ ବେହେରା, ଲିଡ୍ ବ୍ୟାଙ୍କ ମ୍ୟାନେଜର ନାଗେଶ୍ୱର ରାୟ, ଜିଲା ମତ୍ସ୍ୟ ଅଧିକାରୀ ପ୍ରକାଶ ଚନ୍ଦ୍ର ନାୟକ, ଏଡିଭିଓ ଡା. ତରୁଣ କୁମାର ମଲ୍ଲିକ୍ ପ୍ରମୁଖ ଯୋଗ ଦେଇଥିଲେ। ଭଦ୍ରକ କଲେଜ ଖେଳପଡ଼ିଆରେ ଦୁଇଦିନିଆ ମେଳା ହେବ। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଷ୍ଟଲରେ ବିଭିନ୍ନ ପ୍ରାଣୀ ସମ୍ପଦ ରଖାଯାଇ ଗାଈ, ଛେଳି, କୁକୁଡ଼ା ପାଳନ ଆଦି ବିଷୟରେ ଚାଷୀ ଓ ଆଗ୍ରହୀ ହିତାଧିକାରୀମାନଙ୍କୁ ସଚେତନ କରାଯିବ। ସେହିପରି ମତ୍ସ୍ୟ ବିଭାଗ ପକ୍ଷରୁ ବାୟୋଫ୍ଲୋକ୍ ପରି ଅତ୍ୟାଧୁନିକ ମତ୍ସ୍ୟଚାଷ ସମ୍ବନ୍ଧରେ ମଧ୍ୟ ଡେମନ୍‌ଷ୍ଟ୍ରେଶନ କରାଯିବ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ମିଳିତ ଆନୁକୂଲ୍ୟରେ ହେବାକୁ ଯାଉଥିବା ଏହି ମେଳାରେ ସାଧାରଣ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରସ୍କାର ବିତରଣ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତିଦିନ ୨୫୦ ମତ୍ସ୍ୟଚାଷୀ ଓ ୨୫୦ ପ୍ରାଣୀ ପାଳକ ସମୁଦାୟ ୫୦୦ ହିତାଧିକାରୀଙ୍କୁ ଏହି ମେଳାରେ ଅଂଶଗ୍ରହଣ କରିବାର ସୁଯୋଗ ସୃଷ୍ଟି କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି।

## ୧୫୦ ହେକ୍ଟର ଜମିରେ ହେବ ଆଳୁଚାଷ

ଭଦ୍ରକ,୫।୧୧(ସନାତନ ରାଉତ)

ଆସନ୍ତା ରବିଋତୁରେ ଆଳୁ ଚାଷ ବୃଦ୍ଧି ପାଇଁ ଉଦ୍ୟାନ ବିଭାଗ ପକ୍ଷରୁ ଜିଲାସ୍ତରୀୟ ସମନ୍ୱୟ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧକ୍ଷତାରେ ସଦ୍‌ଭାବନା ସଭାଗୃହରେ ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ହୃଦାନନ୍ଦ ଦାସଙ୍କ ଦ୍ୱାରା ଉପସ୍ଥାପିତ ତଥ୍ୟ ଆଧାରରେ ଆଳୁଚାଷ ପାଇଁ ସଚେତନତା ଓ ସରକାରୀ ସୁବିଧା ସୁଯୋଗ ବିଷୟରେ ଆଲୋଚନା କରାଯାଇଥିଲା। ରବି ଋତୁରେ ୧୫୦ ହେକ୍ଟର ଜମିରେ ଆଳୁଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଭଦ୍ରକ ବ୍ଲକ୍ ପାଇଁ ୨୫ ହେକ୍ଟର, ବାସୁଦେବପୁର ୧୯, ବନ୍ତ ୨୫, ଭଣ୍ଡାରିପୋଖରୀ ୨୫, ଧାମନଗର ୨୦, ଚାନ୍ଦବାଲି ୧୮ ଏବଂ ତିହିଡ଼ି ପାଇଁ ୧୮ ହେକ୍ଟର ଜମି ଧାର୍ଯ୍ୟ କରାଯାଇଛି। କେତେକ ଅଞ୍ଚଳରେ ବାତ୍ୟା ଦାନା ଯୋଗୁ କ୍ଷେତ୍ର ପ୍ରସ୍ତୁତ ହୋଇନାହିଁ। ଆସନ୍ତା ୧୦ ତାରିଖ ପରେ କୁଫ୍ରି ଜ୍ୟୋତି କିଷମର ଆଳୁ କିଲୋ ପ୍ରତି ୨୦ ଟଙ୍କା ଦରରେ ଯୋଗାଇ ଦିଆଯିବା ନେଇ ସୂଚନା ପ୍ରଦାନ କରାଯାଇଥିଲା। ଚାଷ ପରେ କିଲୋ ପ୍ରତି ୧୦ ଟଙ୍କା ଚାଷୀଙ୍କୁ ଫେରସ୍ତ ଦିଆଯିବା ବ୍ୟବସ୍ଥା ରହିଛି ବୋଲି କୁହାଯାଇଛି। ପ୍ରତି ସବ୍‌ଡିଭିଜନରେ ଗୋଟିଏ ଲେଖାଏ ଶୀତଳଭଣ୍ଡାର ଖୋଲାଯିବା ନେଇ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବାରୁ ଭଦ୍ରକରେ ମଧ୍ୟ ସେଥିପାଇଁ ପ୍ରସ୍ତୁତି ଆରମ୍ଭ କରାଯାଉଛି। ସେଥିପାଇଁ ଆବଶ୍ୟକ ୧ ଏକର ଜାଗା ପାଇଁ ତହସିଲଦାର ଓ ଆରଏମ୍‌ସି ସହ ଯୋଗାଯୋଗ କରାଯାଇଥିବା ଜଣାପଡ଼ିଛି। ପ୍ରକାଶଥାଉ କି, ଗତବର୍ଷ ମାତ୍ର ୨୦ ହେକ୍ଟର ଜମିରେ ଆଳୁଚାଷ କରାଯାଇଥିଲା। ଉତ୍ପାଦନ ମାତ୍ର ୪୦୦ରୁ ୫୦୦ ମେଟ୍ରିକ ଟନ୍ ଥିଲା। ଡେରିରେ ଶୀତ ଆସିବା ଓ ଶୀଘ୍ର ପଳେଇବା, ବାସୁଦେବପୁର ଓ ଚାନ୍ଦବାଲିର ଲୁଣି ଅଞ୍ଚଳ ଆଦି କାରଣ ସହ ଜିଲାର ପାଣିପାଗ ଆଳୁଚାଷ ପାଇଁ ଯଥେଷ୍ଟ ଅନୁକୂଳ ନୁହେଁ ବୋଲି ମଧ୍ୟ ସୂଚନା ଦିଆଯାଇଥିଲା। କୃଷି ଓ ମିଶନ ଶକ୍ତି ବିଭାଗର ସମନ୍ୱୟତା ନେଇ ଆଲୋଚନା କରାଯାଇଥିଲା।

## ଟ୍ରେନ ଧକ୍କାରେ ଯୁବତୀ ମୃତ

ଜଳେଶ୍ୱର, ୫।୧୧(ନବୀନ ସାହୁ/ ରବିନାରାୟଣ ପାତ୍ର)-ଜଳେଶ୍ୱର ଷ୍ଟେଶନ ନିକଟରେ ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଧୀନ ଅନ୍ତୁରାଇ ଗ୍ରାମର ଜଣେ ଯୁବତୀ ଦୂରନ୍ତ ଏକ୍ସପ୍ରେସରେ କଟି ପ୍ରାଣ ହରାଇଛନ୍ତି। ରେଲୱେ ପୋଲିସ ପହଞ୍ଚି ଶବକୁ ଜବତ କରି ପରିବାର ଲୋକଙ୍କୁ ଯୋଗାଯୋଗ କରିଛି। ମଙ୍ଗଳବାର ମଧ୍ୟାହ୍ନରେ ଜଳେଶ୍ୱର ଷ୍ଟେଶନ ନିକଟରେ ଭୋଗରାଇ ଅଞ୍ଚଳର ଜଣେ ଯୁବତୀ ବାଲେଶ୍ୱର ଯିବା ପାଇଁ ଏକ ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ଟ୍ରେନ ଆସିବା ପୂର୍ବରୁ ଅସାବଧାନତାରୁ ହାୱଡା-ଯଶବନ୍ତପୁର ଦୂରନ୍ତ ଏକ୍ସପ୍ରେସରେ ଧକ୍କାରେ ମୃତ୍ୟୁ ହୋଇଛି।



### ସଂକ୍ଷେପରେ

## ସ୍କୁଟିକୁ ଧକ୍କାଦେଲା କାର୍, ଯୁବକ ମୃତ

ଭୋଗରାଇ, ୫।୧୧(ପ୍ରଦୀପ ଦାସ): ବାଲେଶ୍ୱର ଜିଲା ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥ କମର୍ଦ୍ଦା ଥାନା ଛଣପୋଖରୀଠାରେ ମଙ୍ଗଳବାର ସ୍କୁଟି ଓ କାର୍ ମୁହାଁମୁହିଁ ଧକ୍କା ହୋଇ ଘଟଣାସ୍ଥଳରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ସ୍କୁଟି ପଛରେ ବସିଥିବା ଯୁବକଜଣଙ୍କ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମୃତକ ହେଲେ ପଶ୍ଚିମବଙ୍ଗ ରାଜ୍ୟ କଣିଦା ଗ୍ରାମର ଅବନ୍ତୀ କୁମାର କର(୪୫)। ଘଟଣାସ୍ଥଳରେ କାର୍ ଚାଳକ ଗାଡ଼ି ଛାଡି କୌଶଳକ୍ରମେ ସେଠାରୁ ଫେରାର ହୋଇଯାଇଛନ୍ତି। କାର୍ ଓ ସ୍କୁଟିକୁ ପୋଲିସ ଜବତ କରି କମର୍ଦ୍ଦା ଥାନାକୁ ଆଣି ଏନେଇ ଏକ ମାମଲା ରୁଜୁ କରି ପ୍ରାଥମିକ ତଦନ୍ତ ଜାରି ରଖିଛି।

## ରାତିଅଧରେ ଘରେ କଳାକନା ବୁଲାଇଲେ

ନୀଳଗିରି, ୫।୧୧(ପ୍ରଶାନ୍ତ ବିଶ୍ୱାଳ): ରାତିରେ ଯାତ୍ରା ଦେଖିବାକୁ ଯାଇଥିବା ବେଳେ ଦୁର୍ବୃତ୍ତ ଘରେ ପଶି କଳାକନା ବୁଲାଇଛନ୍ତି। ନୀଳଗିରି ବ୍ଲକ ଜଡ଼ିଦା ପଞ୍ଚାୟତ ପୋଡ଼ାଶୁଳ ଗାଁରେ ଘଟିଛି ଏପରି ଘଟଣା। ସଞ୍ଜୀବ କୁମାର ବେହେରା ଭଦ୍ରକ ଜିଲା ଚାନ୍ଦବାଲି ଏସ୍‌ଡିଜେଏମ କୋର୍ଟରେ ନାଜର ଭାବେ କାର୍ଯ୍ୟ କରୁଥିବା ବେଳେ ସେ ସେଠାରେ ରୁହନ୍ତି। ଘରେ ସ୍ତ୍ରୀ ସୁଦିପ୍ତା ଏବଂ ପୁଅ ରୁହନ୍ତି। ବର୍ତ୍ତମାନ ପୋଡ଼ାଶୁଳରେ କାଳୀପୂଜା ପାଇଁ ମେଳା ଚାଲୁଥିବା ବେଳେ ରାତ୍ରିରେ ଯାତ୍ରା ଦେଖିବାକୁ ସୁଦପ୍ତା ସମ୍ପର୍କୀୟଙ୍କ ସହିତ ଘରେ ତାଲା ଦେଇ ଯାତ୍ରା ଦେଖିବାକୁ ଯାଇଥିଲେ। ଯାତ୍ରାଅଧାରୁ ଘରକୁ ଫେରିଆସିବା ବେଳକୁ ଘରର ମୁଖ୍ୟ ଫାଟକରେ ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଏନେଇ ସୁଦୀପ୍ତା ତୁରନ୍ତ ଘରେ ପଶି ଆଲମିରା ଚାବି ଭାଙ୍ଗିଯାଇଥିବା ଦେଖିବାକୁ ପାଇଥିଲେ। ଆଲମିରାରେ ଥିବା ନଗଦ ୪୦ହଜାର ଟଙ୍କା ସହିତ ୧୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଗହଣା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ।ଏନେଇ ନୀଳଗିରି ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ସନ୍ଧାନୀ କୁକୁର ସହିତ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏନେଇ ନୀଳଗିରି ଥାନାରେ ଏକ ମାମଲା (ନଂ.୩୪୮/୨୪) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ ସୂଚନା ଦେଇଛନ୍ତି।।

## ଇସ୍କନ ପ୍ରତିଷ୍ଠାତାଙ୍କ ତିରୋଧାନ ଦିବସ

ବାଲିଆପାଳ, ୫।୧୧(ଗୋପାଳ ଚନ୍ଦ୍ର ସାହୁ): ବାଲେଶ୍ୱର ଜିଲା ବାଲିଆପାଳ ପଞ୍ଚାୟତ ଅନ୍ତର୍ଗତ କଚୁଆପଡ଼ା ରାଧା ମଦନମୋହନ ମନ୍ଦିରରେ ଇସ୍କନର ପ୍ରତିଷ୍ଠାତା ଭକ୍ତି ବେଦାନ୍ତ ଅଭୟାଚରଣ ବିନ୍ଦ ଭକ୍ତି ବେଦାନ୍ତ ସ୍ୱାମୀ ପ୍ରଭୁପାଦଙ୍କ ୭୭ତମ ତିରୋଧାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ମନ୍ଦିରରେ ପ୍ରାତଃ ନୀତିକାନ୍ତି, ମଙ୍ଗଳଆଳତୀ ଓ ଦର୍ଶନ ଆଳତୀ ପରେ ଭକ୍ତମାନେ ନାମ ସଙ୍କୀର୍ତ୍ତନ ମଣ୍ଡଳୀ ସହିତ ବାଲିଆପାଳ ଆଖପାଖ ଅଞ୍ଚଳ ପରିକ୍ରମା କରିଥିଲେ। ପରିକ୍ରମା ମନ୍ଦିର ପରିସରରୁ ବାହାରି ପାରୁଳିଆ ଛକ, ବ୍ଲକ ଛକ, ରାଜା ରାଣୀ ଛକ, ସିମୁଳିଆ ମାର୍କେଟ ଦେଇ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇ କଚୁଆପଡ଼ା ଗ୍ରାମ ମଧ୍ୟ ଦେଇ ମନ୍ଦିରକୁ ଫେରିଥିଲା। ଏହି ଅବସରରେ ଭକ୍ତ ମାନେ ମନ୍ଦିରରେ ଲାବଣ୍ୟ ପ୍ରଭୁ ଦାସ ବ୍ରହ୍ମଚାରୀଙ୍କଠାରୁ ହରିକଥା ଶ୍ରବଣ କରିଥିଲେ। ମନ୍ଦିର ପ୍ରତିଷ୍ଠାତା ଡା. ହରେକୃଷ୍ଣ ଦାସ ବ୍ରହ୍ମଚାରୀ ରାଧା ମଦନମୋହନଙ୍କ ପୂଜା ଦାୟିତ୍ୱ ତୁଲାଇଥିଲେ।

## ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

ବାଲେଶ୍ୱର, ୫।୧୧(ବାଞ୍ଛାନିଧି ଦେ)- ବାଲେଶ୍ୱର ସଦର ଥାନା ଅଧୀନ ପାଖରସାଇଁ ଅଞ୍ଚଳର ଜଣେ ୨ ବର୍ଷର ଶିଶୁପୁତ୍ର ମଙ୍ଗଳବାର ସନ୍ଧ୍ୟାରେ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛି। ମୃତ ଶିଶୁପୁତ୍ର ହେଲେ ପର୍ଶୁରାମ ପରିଡ଼ାଙ୍କର ପୁଅ ବିଭୁ। ବିଭୁ ଘର ନିକଟରେ ଖେଳୁଥିବା ବେଳେ ଅସାବଧାନତାରୁ ସ୍ଥାନୀୟ ପୋଖରୀରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ପୋଖରୀରୁ ଉଦ୍ଧାର କରିଥିଲେ। ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସ୍ଲୁଇସ୍ ଗେଟ୍ ଦାବିରେ ରାସ୍ତା ତାଡ଼ିଦେଲେ

କାଳିପଦା, ୫।୧୧(ରାଜଶ୍ରୀ ପାଣିଗ୍ରାହୀ)


ଜେସିବି ଦ୍ୱାରା ରାସ୍ତା ତାଡୁଛନ୍ତି ଚାଷୀ।

ବାଲିଆପାଳ ବ୍ଲକରେ ହେକ୍ଟର ହେକ୍ଟର ଚାଷଜମି ଥିବା ଷୋଳଶା ପାଣ୍ଡକୁ ଦକ୍ଷିଣ ବାଲିଆପାଳ ଭାତହାଣ୍ଡି କୁହାଯାଏ। ପାଣି ନିଷ୍କାସନ ବ୍ୟବସ୍ଥା ନ ଥିବାରୁ କ୍ଷତିଗ୍ରସ୍ତ ହେଉଛନ୍ତି ଚାଷୀ। ଦୀର୍ଘ ବର୍ଷ ଧରି ଏହି ପାଣ୍ଡରୁ ପାଣି ନିଷ୍କାସନ ପାଇଁ ଚାଷୀମାନେ ଦାବି କରିଆସୁଥିଲେ, ମାତ୍ର ସରକାର ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମଙ୍ଗଳବାର ଜଗତିପୁର, ପ୍ରତାପୁର, ଅଳାଡିହା, ବେତଗଡ଼ିଆ, ତରାଇ ପଞ୍ଚାୟତର ଶତାଧିକ ସଂଖ୍ୟାରେ ଚାଷୀ ଏକାଠି ହୋଇ କୋଷ୍ଟ କେନାଲରେ ନିର୍ମାଣାଧୀନ ହାଇରୋଡ଼ର ମହାବଳାଠାରୁ ମଧୁପୁରା ମଧ୍ୟରେ ସ୍ଲୁଇସ୍‌ଗେଟ୍ ନିର୍ମାଣ ଦାବି କରି ଚାଷୀମାନେ ଜେସିବି ସାହାଯ୍ୟରେ ରାସ୍ତା ତାଡ଼ି ଦେବା ସହିତ ଲାଲ୍ ପତାକା ମାରି ଜାଗା ଚିହ୍ନଟ କରିଛନ୍ତି। ଖବରପାଇ ଜଳସେଚନ ବିଭାଗ କନିଷ୍ଠଯନ୍ତ୍ରୀ ନନିଗୋପାଲ ସେନ୍ ଏବଂ ଭାଜପା ନେତା ରବୀନ୍ଦ୍ରନାଥ ଅଣ୍ଡିଆ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସ୍ଲୁଇସ୍ ଗେଟ୍‌ର ଏକ ଡିପିଆର ପ୍ରସ୍ତୁତ କରି ସରକାରଙ୍କୁ ଦିଆଯିବ ବୋଲି ଜେଇ ସେନ୍ କହିଛନ୍ତି। ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇ ତୁରନ୍ତ ସେଠାରେ ସ୍ଲୁଇସ ଗେଟ୍ ନିର୍ମାଣ କରାଯିବ ବୋଲି ଅଣ୍ଡିଆ ସୂଚନା ଦେଇଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଅନନ୍ତ ବିଶ୍ୱାଳ, ନାରାୟଣ ଚକ୍ରବର୍ତ୍ତୀ, ସଞ୍ଜୟ ଦାସ, ଗୌରାଙ୍ଗ ବେହେରା, ରବୀନ୍ଦ୍ର ପ୍ରମାଣିକ ଓ ସୁବାଷ ବେହେରା ପ୍ରମୁଖ ଆନ୍ଦୋଳନକୁ ତ୍ରୀବ୍ର କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ବିଜେଡିର 'ଜନସମ୍ପର୍କ ପଦଯାତ୍ରା'



ଜନସମ୍ପର୍କ ପଦଯାତ୍ରାରେ ସାମିଲ ବିଜେଡି ନେତୃବୃନ୍ଦ ଓ କର୍ମୀ।

ବାଲେଶ୍ୱର, ୫।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ନିର୍ବାଚନମଣ୍ଡଳୀ ବିଜେଡି ତରଫରୁ ମଙ୍ଗଳବାର ବିଶାଳ ଜନସମ୍ପର୍କ ପଦଯାତ୍ରା ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ସ୍ୱରୂପ ଦାସଙ୍କ ନେତୃତ୍ୱରେ ସ୍ଥାନୀୟ ମିଶନ ପଡ଼ିଆରୁ ଏହି ପଦଯାତ୍ରା ଆରମ୍ଭ ହୋଇ ଗାନ୍ଧି ସ୍ମୃତିଭବନଠାରେ ଶେଷ ହୋଇଥିଲା। ସେଠାରେ ଆୟୋଜିତ ସାଧାରଣ ସଭାରେ ଜିଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ ସଭାପତିତ୍ୱ କରିଥିଲେ। ବିଜେଡି ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର ଯୋଗଦେଇ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ଉପାଧ୍ୟକ୍ଷ କୈଳାସ ସେଠୀ, ପୂର୍ବତନ ଉପନଗରପାଳ ମନୋଜ ରାଉତ, ଜିଲା ପରିଷଦ ସଭ୍ୟା ସୋନାଲି ବିଶ୍ୱାଳ, ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା, ଟାଉନ ସଭାପତି ସନତ ଦାସ, ରାଜ୍ୟ ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଧୀରେନ ନାୟକ, କାଉନସିଲର ମୀନା ମହାନ୍ତି ଓ ମିତା ପଟ୍ଟନାୟକଙ୍କ ସମେତ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ଥିଲେ।

# ଏଫ୍‌ଏମ୍‌ୟୁରେ ଆନ୍ତଃ ମହାବିଦ୍ୟାଳୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ


ରେଫରି ଓ ଖେଳାଳିଙ୍କ ଗହଣରେ କୁଳପତି।

ବାଲେଶ୍ୱର, ୫।୧୧(ବାଞ୍ଛାନିଧି ଦେ):

- ଭାଗ ନେଲେ ୧୫ ଦଳ
- ୧୯ରେ ଇଷ୍ଟଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଟୁର୍ନାମେଣ୍ଟ

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ (ଏଫ୍‌ଏମ୍‌ୟୁ)ର କ୍ରୀଡ଼ା ପରିଷଦ ଆନୁକୂଲ୍ୟରେ ଏକ ଦିବସୀୟ ଆନ୍ତଃ ମହାବିଦ୍ୟାଳୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରି ଶୃଙ୍ଖଳାର ସହ ଖେଳ ପ୍ରଦର୍ଶନ କରିବା ପାଇଁ ଆହ୍ୱାନ ଦେଇଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ ପିଇଓ ସଂଗ୍ରାମ ବିଶୋଇ ଯୋଗଦେଇ ୧୫ଟି ଅଂଶଗ୍ରହଣକାରୀ ଦଳର ଖେଳାଳିଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ।

ସୂଚନା ଅନୁଯାୟୀ, ୧୫ଟି ଦଳ ମଧ୍ୟରେ ୧୪ଟି ମ୍ୟାଚ ଖେଳାଯାଇଥିଲା। ଏଥିରୁ ଶ୍ରେଷ୍ଠ ବିବେଚିତ ଖେଳାଳିମାନଙ୍କୁ ଚୟନ କରାଯାଇଥିଲା। ଆସନ୍ତା ୧୯ରେ ବାରିପଦାସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଯାଉଥିବା ଇଷ୍ଟଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ ଟୁର୍ନାମେଣ୍ଟରେ ଉକ୍ତ ଖେଳାଳୀମାନେ ଅଂଶଗ୍ରହଣ କରିବେ। କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ଡ. ପବିତ୍ରମୋହନ ନାୟକ ଓ ଉପନିର୍ଦ୍ଦେଶକ ଡ. ଅମିତ କୁମାର ଶର୍ମାଙ୍କ ତତ୍ତ୍ୱାବଧାନରେ ଏହି ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା।

## ନର୍ସିଂହୋମ୍‌ରେ ଚଢ଼ାଉ କାଗଜପତ୍ର ଯାଞ୍ଚ, ଅଲଟ୍ରାସାଉଣ୍ଡ ମେଶିନ ସିଲ୍

ଭୋଗରାଇ, ୫।୧୧( ପ୍ରଦୀପ ଦାସ ):

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଦେହୁର୍ଦ୍ଦା ପଞ୍ଚାୟତ ଆନନ୍ଦାବଜାରସ୍ଥିତ ଏକ ନର୍ସିଂହୋମରେ ଦୀର୍ଘଦିନ ଧରି ଅଭିଜ୍ଞ ଡାକ୍ତର ନ ଥାଇ ରୋଗୀସେବା ଚାଲୁଛି। ଉକ୍ତ ନର୍ସିଂହୋମରେ ଅଲଟ୍ରାସାଉଣ୍ଡ ମେଶିନ ରହିଥିଲେ ମଧ୍ୟ ଅଭିଜ୍ଞ ଡାକ୍ତର ନ ଥିବାରୁ ରୋଗୀଙ୍କ ରିପୋର୍ଟ ଭୁଲ ପ୍ରମାଣିତ ହେଉଛି। ଏନେଇ ବାରମ୍ବାର ଅଭିଯୋଗ ହେବା ପରେ ମଙ୍ଗଳବାର ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୀବ ପ୍ରଧାନ, ଡିପିଏମ୍ ଅନୀଲ ମହାନ୍ତି, ଆଇନ ପରାମର୍ଶଦାତା ମାନସ ସାମନ୍ତ, ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା.କମଳାକାନ୍ତ ଜେନା, ବିପିଏମ କବିପ୍ରସାଦ ସାହୁ ପ୍ରମୁଖ ଉକ୍ତ ନର୍ସିଂହୋମରେ ଅଚାନକ ଚଢ଼ାଉ କରି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଞ୍ଚ କରିବା ସହିତ ନର୍ସିଂହୋମରେ ଥିବା ଅଲଟ୍ରା ସାଉଣ୍ଡ ମେଶିନକୁ ସିଲ୍ କରିଥିଲେ।

## ୫୪ ବର୍ଷର ଗୋପାଳପୁର କାଳୀପୂଜା

ବାହାନଗା, ୫।୧୧(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ମା' କାଳୀ ବ୍ୟବସାୟୀ ସଂଘ ପକ୍ଷରୁ ବଜାରରେ ଦୀର୍ଘ ୫୪ବର୍ଷ ଧରି ମା' କାଳୀପୂଜା ପାଳନ କରାଯାଉଛି। ଚଳିତବର୍ଷ ବଜାର ଚାରିପାର୍ଶ୍ୱରେ ବିଭିନ୍ନ ପ୍ରକାର କୁଞ୍ଜ ପ୍ରଦର୍ଶିତ କରାଯାଇଛି। ଗୋଟିଏ ପାର୍ଶ୍ୱରେ ବାହାନଗା ରେଳ ଦୁର୍ଘଟଣା ଦୃଶ୍ୟ ପ୍ରଦର୍ଶିତ ହୋଇଛି। ଏଠାକୁ ଆସୁଥିବା ଶ୍ରଦ୍ଧାଳୁମାନେ ଏହି ଦୃଶ୍ୟକୁ ଦେଖି ବିମୋହିତ ହେଉଛନ୍ତି। ଦୀର୍ଘ ୯ଦିନ ଧରି ଗୋପାଳପୁର ବଜାରରେ ପୂଜା ଚାଲିଛି। ଏହି ଉପଲକ୍ଷେ ସଂଘ ପକ୍ଷରୁ ଗତ ସୋମବାର ରାତିଠାରୁ ୪ ଦିନ ଧରି ଯାତ୍ରା ପରିବେଷଣ କରାଯାଉଛି। ଏହି ଯାତ୍ରା ରାତି ୮ ଟାରୁ ଆରମ୍ଭ ହୋଇ ରାତି ସାଢେ ଗୋଟେ ବେଳକୁ ଶେଷ ହେଉଛି। ଗୋପାଳପୁର ବଜାରରେ ଅନୁଷ୍ଠିତ ହୋଇଥିବା ମା' କାଳୀ ପୂଜା ଦୀର୍ଘ ୫୪ ବର୍ଷ ଧରି ପାଳନ ହୋଇଆସୁଥିଲେ ମଧ୍ୟ ପ୍ରତିବର୍ଷ ନୂଆ ନୂଆ ପ୍ରକାରର ତୋରଣ ସାଙ୍ଗକୁ ଅଭିଜ୍ଞ କାରିଗରୀମାନଙ୍କ ଦ୍ୱାରା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଇ ପୂଜା କରାଯାଉଛି। ସେହିପରି ଜୁଣିଆ ବଜାରରେ ମା'ଙ୍କ ପୂଜା ପାଳନ କରାଯାଉଛି। ସେହି ବଜାରରେ ଛୋଟ ଛୋଟ ପିଲାମାନଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ବାହାନଗା ବ୍ଲକରେ ମା'ଙ୍କ ପୂଜା ୨୨ଟି ମଣ୍ଡପରେ ପାଳନ କରାଯାଉଛି। ବିଭିନ୍ନ ପୂଜାମଣ୍ଡପକୁ ଆଲୋକମାଳରେ ସଜ୍ଜିତ କରାଯିବା ସହିତ ସନ୍ଧ୍ୟାରେ ମଣ୍ଡପ ସାମ୍ନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ସେହିପରି ଗୋପାଳପୁର ବଜାର ରଙ୍ଗାରଙ୍ଗ ଆଲୋକମାଳାରେ ସଜ୍ଜିତ କରାଯାଇଛି।

### ଆକର୍ଷିତ କରୁଛି ବାହାନଗା ରେଳ ଦୁର୍ଘଟଣା



# ରାସ୍ତା ମରାମତି ଦାବିରେ ସିପିଏମ୍‌ର ରାସ୍ତାରୋକୋ


ସିପିଏମ୍ ପକ୍ଷରୁ କରାଯାଇଥିବ ରାସ୍ତାରୋକୋ।

ନୀଳଗିରି, ୫।୧୧(ପ୍ରଶାନ୍ତ ବିଶ୍ୱାଳ):

ନୀଳଗିରି-ପଞ୍ଚଲିଙ୍ଗେଶ୍ୱର-ବଉଳଗଡ଼ିଆ ରାସ୍ତା ଏବଂ ନୀଳଗିରିରୁ ମିତ୍ରପୁର ଦୁଇଟି (ପିଡବ୍ଲୁଡି) ରାସ୍ତା ମରଣଯନ୍ତା ପାଲଟିଛି। ଏହି ଦୁଇ ରାସ୍ତାର ମରାମତି ଦାବିରେ ମଙ୍ଗଳବାର ସକାଳୁ ପଞ୍ଚଲିଙ୍ଗେଶ୍ୱର ଛକଠାରେ ସିପିଏମ୍, ନୀଳଗିରି ଆଞ୍ଚଳିକ କମିଟି ପକ୍ଷରୁ ରାସ୍ତାରୋକୋ କରଯାଇଥିଲା। ଉକ୍ତ ଦୁଇ ରାସ୍ତା ପ୍ରମୁଖ ମାର୍ଗ ଉତ୍ତରଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ସଂଯୋଗ କରୁଥିବାରୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ଉକ୍ତ ରାସ୍ତା ଦେଇ ବାରିପଦାରୁ ଭୁବନେଶ୍ୱର ବହୁ ଲୋକ ଯାତାୟାତ କରନ୍ତି। ମାତ୍ର ରାସ୍ତା ଦୁରାବସ୍ଥା ପାଇଁ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରିନାହାନ୍ତି। ଉପଜିଲାପାଳଙ୍କ ଅନୁରୋଧକ୍ରମେ ଡେପୁଟି କଲେକ୍ଟର ଈଶ୍ୱର ଚନ୍ଦ୍ର ରଣା ରାସ୍ତାରୋକୋ ସ୍ଥଳରେ ପହଞ୍ଚି ଉପଜିଲାପାଳ ପାଖକୁ ଏକ ପ୍ରତିନିଧି ମଣ୍ଡଳୀ ଯାଇ ଆଲୋଚନା କରିବାକୁ କହିଥିଲେ। ଅନୁରୋଧକୁ ରକ୍ଷା କରି ଦଳ ତରଫରୁ ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର, ଆଞ୍ଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ, ଗୋବିନ୍ଦ ବାରିକ, କେଶବ ଲେଙ୍କା ଯାଇଥିଲେ। ଉପଜିଲାପାଳଙ୍କ ପ୍ରକୋଷ୍ଠରେ ପୂର୍ତ୍ତ ବିଭାଗର ଅଧିକାରୀ, ବନ ବିଭାଗ ଅଧିକାରୀ, ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ଦାବିପତ୍ର ବିଷୟ ଉପରେ ଆଲୋଚନା କରାଯାଇଥିଲା। ୧୫ ଦିନ ମଧ୍ୟରେ ଉକ୍ତ ଦୁଇ ରାସ୍ତାର ମରାମତି ସାରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବାରୁ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଛି। ରାସ୍ତାରୋକୋ ଆନ୍ଦୋଳନରେ ରାଜ୍ୟ କମିଟି ସଭ୍ୟ ସୀତାଂଶୁ ସେନାପତି, ନିର୍ମଳ ନାୟକ, ନରୋତ୍ତମ ମହାପାତ୍ର, ମୃତ୍ୟୁଞ୍ଜୟ ନାୟକ, ଗଙ୍ଗାଧର ମହାନ୍ତି, ନାରାୟଣ ଧମୁଡ଼ିଆ, ତ୍ରିଲୋଚନ ସ, ସତ୍ୟଜିତ ଦାସ, ରାମ ଚନ୍ଦ୍ର ସିଂଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ।

## ବାତ୍ୟାର ୧୦ ଦିନ ପରେ ବି ବିଦ୍ୟୁତ୍ ସରବରାହ ବନ୍ଦ

ସୋର, ୫।୧୧(ଜନ୍ମେଜୟ ମିଶ୍ର)

ବାତ୍ୟା ଦାନାର ୧୦ଦିନ ଅତିକ୍ରମ କରିଥିଲେ ମଧ୍ୟ ସୋରରେ ଅଧିକାଂଶ ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରହିଛି। ବାତ୍ୟା ଯୋଗୁ ଗଛ ପଡି ବିଦ୍ୟୁତ ଖୁଣ୍ଟ ଓ ତାର ଛିଣ୍ଡି ବ୍ୟାପକ ନଷ୍ଟ ହୋଇଛି। ଏବେବି ଅନେକ ଅଞ୍ଚଳକୁ ବିଦ୍ୟୁତ ଯୋଗାଯାଇ ପାରିନାହିଁ। ଏହାକୁ ସଜଡ଼ା ଯାଉ ନ ଥିବା ଅଭିଯୋଗ ହେଉଛି। କେଉଁଠି ବିଦ୍ୟୁତଖୁଣ୍ଟ ଓ କେବୁଲ ତାର ଆବଶ୍ୟକତା ଥିବା ବେଳେ ଲୋକେ ପାଇପାରୁ ନ ଥିବା ଅଭିଯୋଗ ହେଉଛି। ତେବେ ସୋର ବିଦ୍ୟୁତ ଡିଭିଜନଠାରେ ଅଭିଯୋଗ କଲେ ଦିନ ଦୁଇ ଦିନ ମଧ୍ୟରେ କାମ କରାଯିବ ବୋଲି କୁହାଯାଉଛି। ଏବେ ବି ଅନେକ ଅଞ୍ଚଳରେ ଭାଙ୍ଗି ପଡିଥିବା ଗଛକୁ ବିଭାଗ ତରଫରୁ କଟାଯାଉନାହିଁ।

## ଗ୍ୟାରେଜ୍ ଆଗରେ ଆବର୍ଜନା ପକାଇବା ଘଟଣା

## ମତ ରଖିଲେ ଜମି ମାଲିକ, ଟ୍ରାକ୍ଟର ଡ୍ରାଇଭର

କାଳିପଦା, ୫।୧୧(ରାଜଶ୍ରୀ ପାଣିଗ୍ରାହୀ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଶ୍ରୀରାମପୁର ଛକ ନିକଟରେ ଗତ ୩୧ ତାରିଖରେ ପ୍ରତିମା ଗ୍ୟାରେଜ ଆଗରେ ଆବର୍ଜନା ପକାଇବା ଘଟଣା ନେଇ ବିବାଦରେ ଛନ୍ଦି ହୋଇଥିବା ଟ୍ରାକ୍ଟର ଡ୍ରାଇଭର ହେମନ୍ତ ଦାସ ରବିବାର ସନ୍ଧ୍ୟାରେ ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଏକ ଖବରଦାତା ସମ୍ମିଳନୀ କରି ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ ଉକ୍ତ ଜାଗା ବିଷୟରେ କିଛି ଜାଣିନାହାନ୍ତି, ଯେହେତୁ ତାଙ୍କର ଟ୍ରାକ୍ଟର ରହିଛି ତେଣୁ ସେ ରାତିରେ ଗାଡ଼ିରେ ଆର୍ବଜନା ନେଇ ଜାଗା ମାଲିକ ଯେଉଁଠି ପକାଇବା ପାଇଁ କହିଥିଲେ ସେଠାରେ ସେ ପକାଇଥିଲେ। ବିଗତ ଦିନରେ ଯେଉଁ ଜାଗାକୁ ନେଇ ତାଙ୍କୁ ଏବଂ ରବୀନ୍ଦ୍ର ଅଣ୍ଡିଆଙ୍କୁ ଯେପରି ବଦନାମ କରାଯାଉଛି, ତାହା ଭିତ୍ତିହୀନ ବୋଲି ଦାସ କହିଛନ୍ତି। ସୂଚନା ଥାଉକି, ଟ୍ରାକ୍ଟର ଡ୍ରାଇଭର ଦାସ ବାଲିଆପାଳ ପଞ୍ଚାୟତ ସରପଞ୍ଚ ବନଲତା ଦାସଙ୍କ ସ୍ୱାମୀ ଅଟନ୍ତି। ସେ ଭାଜପାର ଜଣେ ଆଗଧାଡ଼ିର କର୍ମୀ ହିସାବରେ ଜଣାଶୁଣା। ଅନ୍ୟପକ୍ଷରେ ଜାଗା ବିବାଦକୁ ନେଇ ମତ ରଖିଛନ୍ତି ଜମି ମାଲିକ ଚୈତନ୍ୟ ସାହୁ। ଉପଯୁକ୍ତ ଅର୍ଥ ଦେଇ ସଞ୍ଜିତ ସିଙ୍ଗଠାରୁ ଜମି କ୍ରୟ କରିଛନ୍ତି। ସଞ୍ଜିତ ତାଙ୍କ ଜାଗା ଛାଡୁ ନ ଥିବାରୁ ସେ ବିରକ୍ତି ହୋଇ ଆର୍ବଜନା ପକାଇଛନ୍ତି ବୋଲି ଗଣମାଧ୍ୟମକୁ କହିଛନ୍ତି।

## ଭାଜପାର ସଙ୍ଗଠନ ପର୍ବ, ଜିଲା କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଏମ୍‌ପି ଅନନ୍ତ ନାୟକ ଓ ଅନ୍ୟମାନେ।

କେନ୍ଦୁଝର, ୫।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ଭାରତୀୟ ଜନତା ପାର୍ଟିର ସଙ୍ଗଠନ ପର୍ବ ଓ କର୍ମଶାଳା ଜିଲା ଭାଜପା କାର୍ଯ୍ୟାଳୟଠାରେ ମଙ୍ଗଳବାର ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତବର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ସଦସ୍ୟତା, ସକ୍ରିୟ ସଦସ୍ୟତା ଓ ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ଉପରେ ପର୍ଯ୍ୟବେଶିତ କର୍ମଶାଳାରେ ଅତିଥିଭାବେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ଭାଜପା ଜିଲା ସାଙ୍ଗଠନିକ ନିର୍ବାଚନ ଅଧିକାରୀ ସଂଜୀବ ମହାନ୍ତି , ଭାଜପା ଜିଲା ସାଙ୍ଗଠନିକ ନିର୍ବାଚନ ସହ ଅଧିକାରୀ ରାମଚନ୍ଦ୍ର ସାହୁ, ତେଲକୋଇ ବିଧାୟକ ଡ଼ା ଫକୀରମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଚମ୍ପୁଆର ମୂରଲୀ ମନୋହର ଶର୍ମା, ଆନନ୍ଦପୁର ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ, ଘସିପୁରା ବିଧାୟକ ପ୍ରାର୍ଥୀ ଡ଼ ଶମ୍ଭୁନାଥ ରାଉତ, କେନ୍ଦୁଝରଗଡ଼ ପୌରପାଳିକାର ପୌରାଧ୍ୟକ୍ଷା ନିକୁ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକର୍ତ୍ତାମାନଙ୍କୁ ଉତ୍ସାହିତ କରିଥିଲେ। ଏମ୍‌ପି ନାୟକ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନଙ୍କୁ ସମର୍ପଣ ଏବଂ ସେବା ମନୋଭାବ ନେଇ ସଙ୍ଗଠନକୁ ତୃଣମୂଳ ସ୍ତର ପର୍ଯ୍ୟନ୍ତ ନେବାକୁ ପରାମର୍ଶ ଦେଇଥିଲେ। କର୍ମଶାଳାରେ ଜିଲା ସଭାପତି ମହାନ୍ତ ବର୍ମା ସ୍ୱାଗତ ଭାଷଣ ରଖି ଆଗାମୀ ସାଙ୍ଗଠନିକ ନିର୍ବାଚନ ସୁରୁଖୁରୁରେ ସମ୍ପାଦିତ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ସମଗ୍ର ଜିଲାରୁ ୫୦୦ କାର୍ଯ୍ୟକର୍ତ୍ତା କର୍ମଶାଳାରେ ଯୋଗଦାନ କରିଥିଲେ।

# ଗଠନ ହେଲା ଗୋଷ୍ଠୀ କୃଷକ ପରାମର୍ଶ କମିଟି


ନୂତନ ଆତ୍ମା କମିଟିର ସଦସ୍ୟମାନେ।

ଖଇରା, ୫।୧୧(ଉତ୍କଳବନ୍ଧୁ ପଣ୍ଡା)

### ଶଙ୍କର୍ଷଣ ସଭାପତି

ବାଲେଶ୍ୱର ଜିଲା ଖଇରା ବ୍ଲକର ନୂତନ ଆତ୍ମା(ଗୋଷ୍ଠୀ କୃଷକ ପରାମର୍ଶ କମିଟି)କମିଟି ଗଠିତ ହୋଇଛି। ଏଥିରେ ଉଗ୍ଗୁରା ଅଞ୍ଚଳର ଚାଷୀ ଶଙ୍କର୍ଷଣ ମାଝିଙ୍କୁ ସଭାପତି ଭାବେ ମନୋନୀତ କରାଯାଇଛି। ଏଥିରେ ମହିଳା ଓ ପୁରୁଷ ଚାଷୀ, ସ୍ୱୟଂ ସହାୟିକା ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ, ସମିତିସଭ୍ୟ, ଲାଇସେନ୍ସପ୍ରାପ୍ତ ବିହନ ବିକ୍ରେତା, ଚାଷୀ ଉତ୍ପାଦ ସଙ୍ଗଠନ ଆଦିରୁ ୨୫ଜଣ ସଭ୍ୟ ମନୋନୀତ ହୋଇଛନ୍ତି। ମନୋନୀତ ସଭ୍ୟମାନେ ହେଲେ ବିଦ୍ୟାଧର ଦଲେଇ, ଅକ୍ଷୟ କୁମାର ଜେନା, ବିଜୟ ସାହୁ, ମନୋଜ ଦାସ, ସରସ୍ୱତୀ ରାଉଳ, ରାଜଲକ୍ଷ୍ମୀ ପଣ୍ଡା, ହରିଶ ପରିଡା, ଦିନେଶ ଜେନା, ପ୍ରିୟତ୍ତମା ମହାନ୍ତି, ଦୀପକ ପଣ୍ଡା, କାଳନ୍ଦୀ ସେଣ୍ଡ, ନିତୁ ନିବେଦିତା ମାଝି, ଜୟନ୍ତୀ ବେହେରା, ପାର୍ବତୀ ବେହେରା, ବିଷ୍ଣୁପ୍ରିୟା ବାରିକ, ଅକ୍ଷୟ ଜେନା, ଅଜୟ କୁମାର ବେହେରା, ରମାକାନ୍ତ ସ୍ୱାଇଁ, ବିଶ୍ୱରଞ୍ଜନ ଥଟେଇ, ପ୍ରଶାନ୍ତ ମହାପାତ୍ର, ସୀତାରାଣୀ ରାଉତ, ବାସନ୍ତୀଲତା ସାହୁ, ନୃସିଂହ ସିଂ ଓ ଶିବାନୀ ମହାନ୍ତି। ଏହି ଅବସରରେ ମଙ୍ଗଳବାର ବ୍ଲକ କୃଷି ସୂଚନା ପରାମର୍ଶ କେନ୍ଦ୍ର ପରିସରରେ ଆୟୋଜିତ ବୈଠକରେ ବ୍ଲକ କୃଷି ଅଧିକାରୀ ସରୋଜ କୁମାର ଜେନା ସଭାପତିତ୍ୱରେ କରିଥିଲେ। ନୂତନ କମିଟି ଖଇରା ବ୍ଲକର କୃଷି ଓ କୃଷକର କଲ୍ୟାଣକୁ ପ୍ରାଥମିକତା ଦେଇ ସବୁ ପ୍ରକାର କାର୍ଯ୍ୟ କରିବ ବୋଲି ସଭାପତି ମାଝି କହିଛନ୍ତି।

## ସ୍ୱାସ୍ଥ୍ୟ ବିଭାଗ ବରିଷ୍ଠ ସହାୟକ ଗିରଫ

କେନ୍ଦୁଝର, ୫।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ):

### ସ୍କୁଟିରୁ ୨.୮ ଲକ୍ଷ ଜବତ ଘଟଣା

କେନ୍ଦୁଝର ଭିଜିଲାନ୍ସ ଟିମ୍ ସୋମବାର ସନ୍ଧ୍ୟାରେ ହୋଟେଲ ଅଜନ୍ତା ନିକଟରୁ ସ୍କୁଟିରୁ ୨ ଲକ୍ଷ ୮୦ ହଜାର ଟଙ୍କା ଜବତ ସହ ଧରିଥିବା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ସହାୟକ ଶେଖର ଲାଲ ସାହୁଙ୍କୁ ମଙ୍ଗଳବାର ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଏନେଇ ଏକ ମାମଲା (ନଂ.୧୪/୨୪) ରୁଜୁ ହୋଇଛି। ଶେଖର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଦିଗରେ ଭିଜିଲାନ୍ସ ତଦନ୍ତ କରୁଛି। ଏହି ଅର୍ଥ କାହାଠାରୁ ଆଦାୟ ହୋଇଛି ଏବଂ କେଉଁ ଅଧିକାରୀ ଏଥିରେ ସମ୍ପୃକ୍ତ ଅଛନ୍ତି ତାହା ତଦନ୍ତ ପରେ ଜଣାପଡ଼ିବ। ଭିଜିଲାନ୍ସ ବିଭାଗ ବିଶେଷ ସୂତ୍ରରୁ ସୂଚନା ପାଇଥିଲା ଯେ, ଶେଖର ବିଭିନ୍ନ ପ୍ରକାର ଅସଦ୍ ଉପାୟରେ ବହୁ ପରିମାଣରେ ଟଙ୍କା ଆର୍ଜନ କରିଛନ୍ତି। କ୍ୟାସ୍ କଲେକ୍ସନ କରି ରଖୁଛନ୍ତି ଓ ସେସବୁ ଧରି ବୁଲୁଛନ୍ତି। ତାଙ୍କ ଗତିବିଧି ଉପରେ ଭିଜିଲାନ୍ସ ବିଭାଗ ନଜର ରଖିଥିଲା। ସୋମବାର ବୁଲୁଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଛି। ତାଙ୍କ ଗାଡ଼ିରୁ ମିଳିଥିବା ଟଙ୍କା ସମ୍ପର୍କରେ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ତାଙ୍କୁ ପଚରାଉଚରା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ଆର୍. ପ୍ରକାଶ କହିଛନ୍ତି।

